# ରଘୁମାମୁଁ

ଶ୍ରାବଣର ଘନବର୍ଷାରେ ଯେତେବେଳେ ଧରଣୀରାଣୀ ତାର ପାଟ ପିତାମ୍ବରୀ ନୀଳସାଗରର ଲହରୀ ରଙ୍ଗରେ ରଙ୍ଗାୟିତ କରେ, ଓଳିରୁ ଗଡୁଥିବା ନାଲି ମୁରୁଜିଆ ପାଣିର ଧାର ଶୀତୁଳିଆ ପବନ ସାଙ୍ଗରେ ତାଳଦେଇ ଡ଼ାହାଳିଆଣୀ ଘର ପଛଆଡ଼େ ନାଳରେ ମିଶି ସ୍ଥାୟୀ ସତ୍ତା ହରାଇବାର ଉପକ୍ରମ କରେ, ଯେତେବେଳେ ଗାଁର ସେଇ କାଦୁଅା ଦାଣ୍ଡରେ ପିଲାଗୁଡ଼ା ଉତ୍ତାଳିଆ ହୋଇ ବର୍ଷାରେ ଭିଜିଯାଆନ୍ତି ଆଉ କୁଆରୀ ଝିଅମାନଙ୍କ ମନରେ ଅହେତୁକ ଆନନ୍ଦ ଉଙ୍କିମାରେ ବର୍ଷାର ତାଳେ ତାଳେ ମନ ଦେବା ଓ ମନ ନେବାର ପ୍ରତିଶୃତି ବଦ୍ଧତା ଭିତରେ, ସେତେବେଳେ ରଘୁମାମୁଁ ତାର ଗୋଟିକିଆ ବଖୁରିଆ ଚାଳଘରର ନିଭୃତ କୋଣରେ ବସି ସ୍ୱୀୟ ପ୍ରସ୍ତୁତ ନାଲିଚାର ମୁହୁର୍ମୁହୁଃ ବାସ୍ନା ଆଉ ବଡ଼ ରାଜନବିଡ଼ିର ଫୁକାର ଫୁସଫୁସ ପର୍ଯ୍ୟନ୍ତ ଟାଣି ବର୍ଷାର ଆନନ୍ଦକୁ ଉପଭୋଗ କରୁଥାନ୍ତି । ଘର ବୋଇଲେତ ଗୋଟିଏ ବଖରା ଚାଳଘର ଆଉ ସେଇ ଚାଳଘରର ସମ୍ରାଟ ରଘୁମାମୁଁ ନିଜେ । ସମ୍ରାଟ କହିବାର ମାନେ ହେଉଛି ରଘୁମାମୁଁର ଘରେ ଗୋଟିଏ ଦିନରୁ ଅଧିକ ଦିନ ପାଇଁ ଖାଦ୍ୟ ନଥିଲେ ବି ସେ ସାଉର ଖାତକ ନୁହେଁ ବା କାହାକୁ ହାତ ପତାଇ ପଇସାଏ ଅଧଲାଏ ମାଗେ ନାହିଁ । ଗୋଟାଏ ସ୍ୱାବଲମ୍ବୀ, ସ୍ୱେଚ୍ଛାଚାରୀ ମଣିଷଟାଏ । ରଘୁମାମୁଁର ସ୍ତ୍ରୀ ଆମର ସମସ୍ତଙ୍କର ମାଇଁକୁ ମୋର ହେତୁ ପାଇବାଠାରୁ ମୁଁ ଦେଖିନାହିଁ । ମାନେ ଆମେ ଭୂମିଷ୍ଠ ହେବା ଆଗରୁ ସେ ଅହିସୁଲକ୍ଷଣୀ ହୋଇ ସଂସାରରୁ ବିଦାୟ ନେଇଯାଇଥାନ୍ତି । ଆମେ ବୁଝୁ ଯେ ରଘୁମାମୁଁ ବୋଧହୁଏ ଆଜନ୍ମ ବ୍ରହ୍ମଚାରୀ । ମାତ୍ର ତାର ଏକମାତ୍ର ପୁତ୍ରମଣି ଆମର ଏ ଭାବନାରେ ଗୋଟାଏ ପୂର୍ଣ୍ଣଚ୍ଛେଦ ପକାଇ ଆମ ଭାବନାରେ ବୋଧହୁଏ ପ୍ରଥମ ସୋପାନରେ ବିରୋଧାଭାଷର ପ୍ରୟୋଗ କରାଇଥାଏ ।

ରଘୁମାମୁଁ ଗୋଟାଏ ଆଇଁସିଣିଆ ଜୀବ । ଭାତଗଣ୍ଡାକ ପାଖରେ ଆଇଁସପାଣିର ବେସର ବା ଭଜା ନହେଲେ ତାର ଗୁଣ୍ଡା ଚଳେ ନାହିଁ । ବର୍ଷାଦିନର ଘନବର୍ଷାରେ ଯେତେବେଳେ ସାଧାରଣ ମଣିଷ ବାହାରକୁ ବାହାରିବାର ମାନସିକତା ରଖେନାହିଁ, ସେତେବେଳେ ରଘୁମାମୁଁ ମୋପରି ଚାରିଟା ସ୍କୁଲପଢୁଆ ପିଲାଙ୍କୁ ସାଙ୍ଗରେ ଧରି ମାଛ ଧରିବାକୁ ଯିବାକୁ ବାହାରିପଡ଼ନ୍ତି । ମୁଁ ଅନିଚ୍ଛାସତ୍ତ୍ୱେ ବି ଯୁବ ସୁଲଭ ଚପଳତା ଯୋଗୁଁ,

ଗୋଟାଏ ଗାମୁଛା ମୁଣ୍ଡରେ ବାନ୍ଧି, ଛିଣ୍ଡା ଜାଲଟାଏ ଧରି ଅନ୍ୟମାନଙ୍କ ସାଙ୍ଗରେ ବାହାରିପଡ଼େ ମାଛ ଧରିବା ପାଇଁ ଯାହାର ସୁତ୍ରଧାର ରଘୁମାମୁଁ ନିଜେ ।

ଗୋବିନ୍ଦ ମୋର ସମବୟସ୍କ ସାଙ୍ଗ ଏବଂ ଏକ ଶ୍ରେଣୀର ଅଧ୍ୟୟନ ରତ ବାଳକଟିଏ । ପାଠ ପଢ଼ିବାର ବହୁତ ଶ୍ରମ ସତ୍ୱେବି କାହିଁକି କେଜାଣି ଗୋଟାଏ ଗୋଟାଏ ଶ୍ରେଣୀରେ ଏକାଧିକ ବର୍ଷ ରହିବାର ନଜିର ବି ଅଛି । ସାଧାରଣ ମଣିଷ ମାନଙ୍କର ସେବା ଓ ଶୁଶ୍ରୂଷାରେ କାହାର ମନକୁ କିପରି କିଣାଯାଇପାରେ ତାର ଉପାୟ ଗୋବିନ୍ଦକୁ ଜଣା । ସେ ଆମ ଟିମ୍‌ର ମୁଖ୍ୟ କାର୍ପଟତାର ଏବଂ ରଘୁମାମୁଁ ହିଟ୍‌ଲର । ତାଙ୍କ କଥାକୁ ଆମେ ମୁଣ୍ଡପାତି ସହିବାକୁ ବାଧ୍ୟ । ନହେଲେ ମାଛ ଧରିବାକୁ ଯିବାର ଆମର ଯେଉଁ ଆଦିମ ଇଚ୍ଛା ତାହା ଫଳବତୀ ହୋଇ ପାରିବନାହିଁ । ଲମ୍ବା ରାଜନ ବିଡ଼ିରେ ନିଆଁଧରାଇ ରଘୁମାମୁଁ ଏକୁଟିଆ ଗୋଟିଏ ପଟ ଜାଲକୁ ଧରିବାରେ ସମର୍ଥ । ଆମେ ସାଧାରଣ ଟହଲିଆ ମାତ୍ର । ରଘୁ ମାମୁଁର ବିଡ଼ି ଏ ବର୍ଷାରେ ବା ପାଣିରେ ଲିଭି ଯିବାର ମୁଁ କେବେ ଦେଖିନାହିଁ । ଗୋଟାଏ ଡ଼ବା ଭିତରେ କାଟାଏ ବିଡ଼ି ବଡ଼ ସୁରକ୍ଷିତ ଭାବରେ ରଖିଥାଏ ରଘୁମାମୁଁ । ବୋଧକରୁ ରଘୁମାମୁଁ ଅନେକ ଦିନର ଅବ୍ୟକ୍ତ ଅରମାନକୁ ଧୂମ୍ର କୁଣ୍ଡଳୀ ଭିତରେ ନିଃଶେଷ ହେବାର ଦେଖେ ଓ ଭୁଲିଯାଏ ମଧ୍ୟ ।

ଶ୍ରାବଣ ମାସର ବଢ଼ିପାଣି ଯେତେବେଳେ ଆସି ଦକ୍ଷିଣଚଣ୍ଡୀ ମନ୍ଦିରକୁ ଧକ୍କା ଦିଏ, ଯେତେବେଳେ ସୁନାପାତିଆ ମାଛ ଗୁଡ଼ାକ ବଢ଼ିପାଣିର ଖରରଙ୍ଗରେ ଡ଼ିଆଁ ମାରୁଥାନ୍ତି, ସେତେବେଳେ ରଘୁମାମୁଁ ଘରେ ବସି ସୁନାପାତିଆ ମାଛର ଆଖି ସାଙ୍ଗରେ ଆଖି ମିଳାଇ ମାଛ ଧରିବାର ସୌଖୀନ ଭାବନା ଭିତରେ ହଜିଯିବାର ଆମେ ଜାଣୁ । ବଳି ପୋଖରୀ ହେଉ ବା ଗୋଡ଼ି ପୋଖରୀ ହେଉ ବା ବଢ଼ିପାଣିର ଧାରହେଉ, କେହି ସାଙ୍ଗ ସାଥି ନମିଳିଲେ ନିଜେ ରଘୁମାମୁଁ ପାଣିରେ ପଡ଼ି ମାଛ ଧରିବାର ଦୃଶ୍ୟ ଏଇ ଗାଁର ଅନେକ ଦେଖିଛନ୍ତି । ଏହା ଯେପରି ଏକ ନିତି ଦିନିଆ ଦୃଶ୍ୟ ।

ବର୍ଷର ବାରମାସ ଓ ଛଅ ଋତୁଯାକ ରଘୁମାମୁଁ ଦିନ ଦ୍ୱିପ୍ରହରେ ତାସ ଖେଳରୁ ନିବୃତ ରହିବା ବୋଧହୁଏ କେହି ଦେଖିନଥିବେ । ଆମ ଦୁଆର ଚାନ୍ଦିନୀରେ ଶଉପ ପଡ଼ିଥାଏ । ରଘୁମାମୁଁ ଜଣେ ପୋଖତ ଖେଳାଳୀ । ଚାରି ଜଣଙ୍କୁ ଧରି ଖେଳିବାର ନଜିର ଏ ଲେଖକ ଅନ୍ତତଃ ଲକ୍ଷ୍ୟ କରେ ନିତିପ୍ରତି । ସେତେବେଳେ ମୋର ପିଲା ସୁଲଭ ମନଟା ମନକୁ ପ୍ରଶ୍ନକରେ ରଘୁମାମୁଁ ବୋଧହୁଏ ମାଛ ଧରିବା ପରି ତାସ ଖେଳରେ ମଧ୍ୟ ଗୋଟାଏ ଓସ୍ତାଦ୍ । ହେଲେ ତାସ ଖେଳରେ ପ୍ରାୟତଃ ରଘୁମାମୁଁ

ହାରିଯାଏ । ରଘୁମାମୁଁ ହାରିଯାଏନା ଯେ ସେ ଯେପରି ଗୋଟାଏ ଯୁଦ୍ଧରେ ହାରିଯାଏ । ସେ ଡ଼କାପକାନ୍ତି କେଳୀ ଭାଉଜକୁ ଗୋଟାଏ କପ୍ ନାଲି ଚା ପରଷିବା ଲାଗି । ଗରମ ଚା କପଟିର ମଜା ଉଠାଇବା ପରେ ରଘୁମାମୁଁ ଜୋସରେ ଜିତିବା ଆରମ୍ଭ କରେ । ସେ ଚା ରଘୁ ମାମୁଁ ପାଇଁ କେଳୀ ଭାଉଜର ଚା' । ନାଲି ଚା, ଲୁଣ ପକିଆ ଚା, ଯାହା ସାଧାରଣ ମଣିଷର ପେୟ ନୁହେଁ, ତାହା ରଘୁ ମାମୁଁକୁ ଅନନ୍ତ ଶକ୍ତିରେ ଶକ୍ତିମାନ କରି ପକାଏ ଯେପରି ।

ଗାଁର ଲୋକମାନେ ଟୁପୁରୁ ଟାପର ହୁଅନ୍ତି ଯେ ବୋଧହୁଏ ରଘୁ ମାମୁଁ ଭିକ୍ଷାବୃତ୍ତିକୁ ଆବୋରି ନେଇଛି ଏବଂ ତାହା ହିଁ ତାର ଗୁଜୁରାଣ ମେଣ୍ଟାଇବାର ଏକମାତ୍ର ପାଥେୟ । ମାତ୍ର ମୁଁ ଅନ୍ତତଃ ଦେଖିନାହିଁ ରଘୁମାମୁଁ କାହାକୁ ହାତପାତି ଗୋଟାଏ ଟଙ୍କା ବି ଧାର ସୂତ୍ରରେ ମାଗିବା । ସେ ଗରିବ । ସେ ନିସ୍ୱ ହୋଇପାରେ । ମାତ୍ର ଏକ ସାଧାରଣ ମଣିଷ ଭାବରେ ମଧ୍ୟ ତାର ଅନେକ ଅନେକ ଅରମାନ ରହିବା କଥା, ଯାହା ମୁଁ ମର୍ମେ ମର୍ମେ ଅନୁଭବ କରେ । ମାତ୍ର ରଘୁମାମୁଁର ଯେ ଗୋଟାଏ ଅଭିଳାଷ ଅଛି ବା ଗୋଟାଏ ଅରମାନ ଅଛି ବା ତାର ଜୀବନରେ ଗୋଟାଏ ଲକ୍ଷ୍ୟ ଅଛି ଯାହା ଗୋଟାଏ ସାଧାରଣ ମଣିଷର ରହିବାର କଥା, ତାର ଉଚ୍ଚଭାବରେ ସମାଜରେ ତିଷ୍ଠି ରହିବା ପାଇଁ ଯେ ଗୋଟାଏ ଇଚ୍ଛା ଥାଇପାରେ, ତାହା ମୁଁ ଅନ୍ତତଃ ଅନୁଭବ କରି ପାରିନାହିଁ । ବାହାରର ଗୋଟାଏ ସାଧାରଣ ଲୋକ ଭାବିପାରେ ଯେ ରଘୁମାମୁଁ ପରି ଗୋଟାଏ ଭିକ୍ଷାକାରୀ ମଣିଷର ଗୋଟାଏ ଅଭିଳାଷ କ'ଣ ଥାଇପାରେ ? ନା ଭିକ୍ଷାକାରୀ ମଣିଷର ଗୋଟାଏ ସଂସାର ଥାଇପାରେ ? ପୁଅ ଝିଅ ଥାଇ ପାରନ୍ତି ? ତାର ଗୋଟାଏ ଜୀବନର ଲକ୍ଷ୍ୟ କ'ଣ ବା ପିଲା କିଏ ? ସେ ପୋଷିବ କିପରି ? ମାତ୍ର ଏ ଜୀବଟି ସେ ସବୁରୁ ଯେପରି ଗୋଟାଏ ବ୍ୟତିକ୍ରମ ।

ରଘୁମାମୁଁର ସଂସାର କେବଳ ଗୋଟିଏ ବଖରା ଚାଳଘର, ଗୋଟାଏ ଭଙ୍ଗାଖଟ, ଗୋଟାଏ ଭଙ୍ଗା ଚା କେଟଲୀ, ଦୁଇଟା ଚିକ୍କଣ କଳା ଡ଼େକ୍ଚି ଓ ପାଞ୍ଚରୁ ସାତଟା ଡ଼ବା ମଧ୍ୟରେ ସୀମିତ । ଗୋଟିଏ ଦିନରେ ସେ ଅନ୍ତତଃ କୋଡ଼ିଏ କପ୍ ଚା କରି ପିଏ । ରାତି ଗୁଜୁରାଣ ପାଇଁ ବେଳେବେଳେ ଚା ଓ ପାଉଁରୁଟି ମଧ୍ୟରେ ଏତେ ବଡ଼ ରାତିଟାକୁ ରଘୁମାମୁଁ କଟାଇଦିଏ । ମୋର ବେଳେ ବେଳେ ମନ ହୁଏ କିଛି ଚାଉଳ ବା ଡ଼ାଲି ନେଇ ସେଇ ଚରିତ୍ରର ଘରେ ପହଞ୍ଚାଇଦେବା ପାଇଁ। ମାତ୍ର ମନ ମାନେନା। ଡ଼ର ଲାଗେ । କାଳେ ରଘୁମାମୁଁ ଖରାପ ଭାବିବ । ମୋର ଦାନ ଗ୍ରହଣ କରିବାକୁ କୁଣ୍ଠାବୋଧ

ହେବ। କାରଣ ରଘୁମାମୁଁ ଗାଁରେ ଭିକ୍ଷାମାଗି ଚଳେ ନାହିଁ । ସେ ତାର ଖାଲିପେଟ କେତେବେଳେ ଆମକୁ ଦେଖାଇବାର ଆମେ ଜାଣୁନା । ରଘୁମାମୁଁ ଗୁଣୁଗୁଣୁ ହୋଇ ବେଳେ ବେଳେ ବଙ୍ଗଳା ଗୀତର ଧ୍ୱନ ଧରିବାର ମୋର କାନରେ ପଡ଼େ । ତାକୁ ପଚାରିଲେ ରଘୁମାମୁଁ କହେ ତାର ଜୀବନର ଅନେକ ଭାଗ ବଙ୍ଗଳାରେ ସେ ବିତାଇଛି । ବିବାହର ପରେ ଖୁବ୍ କମ ସମୟ ପତ୍ନୀ ନାମକ ଜୀବଟିଏର ସାନ୍ନିଧ୍ୟ ସେ ପାଇଥିଲା ଏବଂ ତାପରେ ଆଉ ବଙ୍ଗଳା ଯାଇପାରିନାହିଁ । ରଘୁମାମୁଁ ମନେପକାଇ କହେ ଏବର ଏ ଦୈନ୍ୟ ବା ଅଭାବ ଅସୁବିଧାର ତେଲ ଲୁଣ ସଂସାର କିନ୍ତୁ ସେତେବେଳେ ଅନେକ ମିଠା ଥିଲା । ସମୟର କରାଳ ଚକ ଭିତରେ ରଘୁମାମୁଁ ଯେପରି ପେଶିହୋଇ ଗୋଟାଏ ସ୍ଥାଣୁ ଅଥର୍ବ ଜାନୁଆରରେ ପରିଣତ ହୋଇଯାଇଛି ।

ରଘୁମାମୁଁ ସାରା ଗାଁଟା ଶୋଇଯିବା ଯାଏଁ ଆମ ଘର ଚାନ୍ଦିନୀରେ ବସି ରାଜନବିଡ଼ି ଟାଣିବାର ସ୍ୱାଦ ଅନୁଭବ କରିଚାଲେ ଏବଂ ବୋଧହୁଏ ସେ ଗ୍ରାମର ପ୍ରଥମ ଲୋକ ଯିଏ ରାତିରୁ ଉଠି ଚା କେଟିଲି ଖଡ଼ ଖଡ଼ କରି ମାଜିବାର ଶବ୍ଦ ସ୍ତ୍ରୀ ଲୋକମାନେ ଶୁଣନ୍ତି । ତେବେ ରଘୁମାମୁଁ ଶୁଏ କେତେବେଳେ ଏବଂ ଉଠେ କେତେବେଳେ ? କ'ଣ ରାତିରେ ପେଟରେ ଦାନା ନପଡ଼ିବା ଯୋଗୁଁ ରଘୁମାମୁଁର ଶୋଇବାର ଅଭ୍ୟାସଟା ବି ପରିବର୍ତ୍ତିତ ହୋଇଯାଇଛି । ନା ଅନ୍ୟକିଛି ଅନ୍ତର୍ନିହିତ କାରଣ ଯୋଗୁଁ ରଘୁମାମୁଁ ନିଦ ଯାଇ ପାରେନା ତାହା ପାଠକ ଜାଣନ୍ତି । ଏ ଲେଖକ କାରଣ ଖୋଜି ଖୋଜି ଅଦ୍ୟାବଧି ପାଇପାରିନାହିଁ ।

ଗ୍ରାମର ପ୍ରତ୍ୟେକ ସାଂଗଠନିକ କାମରେ ରଘୁମାମୁଁକୁ ଆଗ ଦେଖିବାକୁ ମିଳେ । ଗାଁ ଚାନ୍ଦା ଦେବାରେ କେବେ ବିମୁଖ ହେବାର ମୁଁ ଦେଖିନାହିଁ ଯଦିଓ ରଘୁମାମୁଁ ଢ଼େରିରେ ଚାନ୍ଦାଦାଖଲ କରେ । ଦିଅଁଙ୍କର କୋଠ କାମଠାରୁ ଆରମ୍ଭ କରି ଶୀତଳଷଷ୍ଠୀ ବା ଦିଅଁବିଭା ବା ଠାକୁରାଣୀ ଯାତ୍ରା ଇତ୍ୟାଦି ପର୍ବମାନଙ୍କରେ ଅଣ୍ଟାରେ ଓ ମୁଣ୍ଡରେ ଗାମୁଛା ବାନ୍ଧି ସବୁ କାମ ତୁଲାଇ ନେବାରେ ରଘୁମାମୁଁ ସମସ୍ତଙ୍କୁ ଟପିଯାଏ । ସେତେବେଳେ ମନରେ ଦ୍ୱନ୍ଦ୍ୱଉଠେ ଯେ ରଘୁମାମୁଁ କ'ଣ ଗୋଟେ ମହା ଜାଗତିକ ଚରିତ୍ର, ଯାହାର ଜୀବନ ଚନ୍ଦ୍ରମାର ଅନ୍ଧକାର ପାର୍ଶ୍ୱ ସାଧାରଣ ପୃଥିବୀକୁ ସେ ଦେଖାଇ ଦିଏନା । ରଘୁମାମୁଁର ଜୀବଦଶାରେ ଅନ୍ଧକାରର ଘନଘଟା ଯେ ଆସିନାହିଁ ଏପରି ନୁହେଁ, ହେଲେ ସେ ଅନ୍ୟକୁ ଜାଣିବାକୁ ଦେବାର ପ୍ରୟାସ କରେ ନାହିଁ ।

ମୁଁ ଯେତେବେଳେ ମୋର ଉଚ୍ଚଶିକ୍ଷାପାଇଁ ଗାଁକୁ ଛାଡ଼େ, ସେତେବେଳେ ରଘୁମାମୁଁ ମୋତେ ପାଖରେ ବସାଇ ବୁଝାଏ ଯେ ମୁଁ ଯେପରି ଗାଁର ପୂଜା ପାର୍ବଣ, ଚାଲିଚଳନ, ଢଙ୍ଗରଙ୍ଗ, ବିବିଧ ଜାନିଯାତ୍ରାରେ ଭାଗ ନିଏ ଆଉ ତାଗିଦ୍‌କରେ ଯେ ମୁଁ ଯେପରି ଗାଁର ମମତାଠାରୁ ଭବିଷ୍ୟତରେ ଦୁରେଇ ନଯାଏ । ସେ କହିଥିଲେ ଯେ ସଂସାରରେ ଗୋଟାଏ ସାମାଜିକ ପ୍ରାଣୀ ଭାବରେ ମଣିଷ ହୋଇ ଚଳିବା ପାଇଁ । ଅସତ୍ ଉପାୟରେ ଟଙ୍କାରୋଜଗାର ସପକ୍ଷରେ ରଘୁମାମୁଁ କେବେବି ଯୁକ୍ତି ବାଢେ ନାହିଁ ।

ଆଜି ଜୀବନରେ ପୁରୋଭାଗରେ ବେଳେବେଳେ ରଘୁ ମାମୁଁର ଆଦର୍ଶ ବିଷୟରେ ଗୋଟାଏ ଗୋଟାଏ ଅସମାହିତ ପ୍ରଶ୍ନ ମନରେ ଉଙ୍କିମାରେ । ରଘୁମାମୁଁ ନିସ୍ୱ ହୋଇପାରେ, ରଘୁମାମୁଁ ପାଖରେ ବିଶ୍ୱବିଦ୍ୟାଳୟର ଡ଼ିଗ୍ରୀ ନଥାଇପାରେ, ହେଲେ ତାର ଜୀବନର ଅନୁଭବକୁ ଯାହା ରଘୁମାମୁଁ ଅନ୍ୟମାନଙ୍କୁ ଶିକ୍ଷାଦିଏ ତାହା ଅବଶ୍ୟ ପ୍ରଣିଧାନ ଯୋଗ୍ୟ ଏବଂ ଗ୍ରହଣୀୟ ମଧ୍ୟ ।

ଅନେକ ଦିନ ପରେ ଶୁଣିଲି ରଘୁମାମୁଁ ମରିଯାଇଛି । ଏ ସଂସାର ଜଂଜାଳ ଭିତରେ ଆଉ ଦିନେ ପଛକୁ ଫେରି ରଘୁମାମୁଁକୁ ଦେଖିବାର ମାନସିକତା ତ କେବେ ଆସିନଥିଲା । ଆଜି ରଘୁମାମୁଁର ମୃତ୍ୟୁ ଖବର ପାଇ କିଛି ସମୟ ନୀରବରେ ବସି ଅମର ଆତ୍ମାର ସଦ୍‌ଗତିପାଇଁ ପ୍ରାର୍ଥନା କରିବାଟା ଶ୍ରେୟ ମଣିଲି ।

ମୁଁ ତ ଭଗବାନ କେବେ ଚଳତ୍‌ଶକ୍ତି ଯୁକ୍ତ ହୋଇ ଆମମାନଙ୍କ ଭିତରେ ସ୍ୱର୍ଗର ପରିକଳ୍ପନାକୁ ବାସ୍ତବରେ ଦେଖାଇବା କଥା ଜାଣିନାହିଁ । ତେବେ ରଘୁମାମୁଁ ଦେହରେ ମୁଁ ଚଳନ୍ତି ବିଷ୍ଣୁର ସ୍ୱରୂପ ଦେଖିବା ପରି ଲାଗେ ଏବଂ ମୁଁ ଈଶ୍ୱରଙ୍କୁ ପ୍ରଶ୍ନକରେ ଏପରି ସ୍ଥାଣୁ ତଥା ଉତ୍ପୀଡ଼ିକ ଜୀବନ ମାନଙ୍କର ସୃଷ୍ଟି ସେ କରନ୍ତି କ'ଣ ପାଇଁ ? ଆଶା-ଭରସା, ସୁଖ-ଦୁଃଖ, ଶାନ୍ତି-ଅଶାନ୍ତି, ଆନନ୍ଦ-ଉଲ୍ଲାସର ମାନେ ଯେଉଁ ଜୀବନରୁ ଅନ୍ତତଃ ମିଳେ ନାହିଁ । ମାତ୍ର ଏ ସଂସାରକୁ ଉନ୍ନତ ଗଠନଶୀଳ ପ୍ରାକୃତିକ ରାସ୍ତା ଦେଖାଇବାରେ ରଘୁମାମୁଁମାନେ ଜଣେ ଜଣେ ଧର୍ମପ୍ରଚାରକ ଏବଂ ସୁସ୍ଥ ସମାଜ ଗଠନର ଗୋଟାଏ ଗୋଟାଏ ସ୍ତମ୍ଭ, ଏଥିରେ ଦ୍ୱିରୁକ୍ତିର ଅବକାଶ ନାହିଁ ।

***